# ୮. ଅଁଳା

ଅଁଳା ଭାରତ ବର୍ଷ ସମସ୍ତ ଅଞ୍ଚଳରେ ପ୍ରାୟ ଦେଖାଯାଇଥାଏ | ପରନ୍ତୁ ଏବେ ଏହାର ଚାଷ ଭାରତର ବିଭିନ୍ନ ପ୍ରଦେଶ ରେ ବିଶେଷ କରି ଉତ୍ତର ଭାରତରେ ବହୁଳ ମାତ୍ରାରେ କରାଯାଉଅଛି | ଏକ ଆକଳନ ଅନୁଯାୟୀ ଭାରତରେ ୫୦୦୦୦ ହେକ୍ଟର ରୁ ଉର୍ଦ୍ଧ ଜମିରେ ଏହାର ଚାଷ କରାଯାଉଅଛି ଏବଂ ବାର୍ଷିକ ୧୫୦୦୦୦ ଟନ ଅଁଳା ଉତ୍ପାଦିତ ହେଉଅଛି |

ଏହାର ବ୍ୟବହାର ଆୟୁର୍ବେଦ ଔଷଧ ପ୍ରସ୍ତୁତି, ଖାଦ୍ୟ ଓ ପାନୀୟ ପ୍ରକ୍ରିୟାକରଣ ଓ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତିରେ ବହୁଳ ଭାବରେ ବ୍ୟବହାର କରାଯାଉଅଛି | ଓଡ଼ିଶାର ମୃର୍ତ୍ତିକା ଓ ଜଳବାୟୁ ଏହାର ଚାଷ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ଏବଂ ଏହାର ବଜାର ଚାହିଦା ମଧ୍ୟ ରହିଅଛି | ତେଣୁ ଏହି ଫସଲ ଚାଷ କରିଲେ ଚାଷୀ ମାନେ ନିଶ୍ଚିତ ଉପକୃତ ହେବେ |

**ଉଦ୍ଭିଦ ପରିଚୟ:**

ଏହା ଏକ ବହୁବର୍ଷିୟ ଉଦ୍ଭିଦ, ଏହାର ଉଚତା ୨୦-୨୫ ଫୁଟ ପର୍ଯ୍ୟନ୍ତ ହୋଇଥାଏ | ଏହାର ପତ୍ର ତେନ୍ତୁଳି ପତ୍ର ଭଳି ଦେଖାଯାଏ, ଫୁଲ ହଳଦୀ ରଙ୍ଗର ଛୋଟ ଛୋଟ ହୋଇଥାଏ ଏବଂ ଫଳ ଗୁଡିକ ଗୋଲାକୃତ, କଞ୍ଚା ବେଳେ ସବୁଜ ରଙ୍ଗ, ପାଚିଲାପରେ ଏହା ଈଷଦ ଲାଲ ରଙ୍ଗର ହୋଇଥାଏ |

ଭାରତ ର ବିଭିନ୍ନ ପ୍ରଦେଶରେ ଏହାର ନାମକରଣ ଯଥା -

ବେଙ୍ଗଲୀ ନାମ – ଅଁଳା

ଓଡ଼ିଆ ନାମ – ଅଁଳା

ହିନ୍ଦୀ ନାମ – ଅଁଳା

ସଂସ୍କୃତ ନାମ – ଆମଲକୀ, ଧାତ୍ରୀ

ଇଂରାଜୀ ନାମ- Indian Gooseberry

**ଜଳବାୟୁ ଓ ମୃର୍ତ୍ତିକା:**

ଭାରତରେ ଏହାର ଚାଷ ସମୁଦ୍ର ପତନ ଠାରୁ ୧୮୦୦ ମିଟର ରୁ ଅଧିକ ପତନ ଜମିରେ ସଫଳତା ପୂର୍ବକ ଚାଷ କରାଯାଉଅଛି | ଏହାର ଚାଷ, ବାଲିଆ ମାଟି ରୁ ଆରମ୍ଭ କରି ଚିକିଟା ମାଟି ପର୍ଯନ୍ତ

ସମସ୍ତ ମାଟିରେ ଚାଷ କରାଯାଇପାରେ କିନ୍ତୁ ବାଲିଆ ଦୋରସା ମାଟି ଏବଂ ପି. ଏଚ. ମାତ୍ରା ୬.୫ ରୁ ୯.୫ ଏହାର ଚାଷ ନିମନ୍ତେ ଅତ୍ୟନ୍ତ ଉପଯୋଗୀ |

**ଅଁଳା ର ବିଭିନ୍ନ କିସମ:**

ପୂର୍ବରୁ ଯେଉଁ ତିନୋଟି କିସମ ଯଥା - ବନାରସୀ, ହାତୀଝୁଲ ଏବଂ ଚକେୟା କିସମ ଚାଷରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଯାଉଅଛି ଯେପରିକି ବନାରସୀ କିସମରେ ଫଳ କମ ଆସିବା ଏବଂ ଫଳଗୁଡିକ ଝଡିପଡିବା, ହାତୀଝୁଲ କିସମରେ ଯଦିଓ ଫଳ ବଡ ବଡ ହୋଇଥାଏ କିନ୍ତୁ ଏଥିରେ ରୋଗ ପୋକ ସମସ୍ୟା ଅଧିକ ଦେଖାଯାଇଥାଏ ସେହିପରି ଚକେୟା କିସମରେ ଅଧିକ ତନ୍ତୁ ର ମାତ୍ରା ଥିବାରୁ ଏହି ସବୁ କିସମ କୁ ଏବେ ପ୍ରୋତ୍ସାହନ କରାଯାଉନାହିଁ | ଏହି ସମସ୍ୟା କୁ ଦୃଷ୍ଟିରେ ରଖି କୃଷିବିଜ୍ଞାନୀ ମାନେ ନୂତନ କିସମ ଚୟନ କରିଛନ୍ତି ସେଗୁଡିକ ହେଲା କାଞ୍ଚନ (ଏମ.ଏ. - ୪), କ୍ରୀଷ୍ଣା (ଏମ.ଏ. - ୫), ନରେନ୍ଦ୍ର ଅଁଳା -୬, ନରେନ୍ଦ୍ର ଅଁଳା -୭ ଏବଂ ନରେନ୍ଦ୍ର ଅମଳ -୧୦ | ଏହି ସବୁ କିସମ ଚାଷ କରିବା ଦ୍ଵାରା ଚାଷୀମାନେ ଅଧିକ ଲାଭବାନ ହେଉଛନ୍ତି |

**ଚାରା ପ୍ରସ୍ତୁତି:**

ମଞ୍ଜି ଓ କଲମୀ ପଦ୍ଧତ୍ତି ରେ ଅଁଳା ର ବଂଶବିସ୍ତାର କରାଯାଏ | କିନ୍ତୁ ମାଜି ଦ୍ଵାରା ହେଉଥିବା ଚାରା ଆଲାମ ନିମନ୍ତେ ୮-୧୦ ବର୍ଷ ସମୟ ଲାଗିଥାଏ | ଯୋଡ଼ା କଲମୀ କିମ୍ବା ଆଖି କଲମୀ ମାଧମରେ ପ୍ରସ୍ତୁତ ଚାରା ୩-୪ ବର୍ଷ ମଧରେ ଅମଳ କ୍ଷମ ହୋଇଥାଏ | କଲମୀ କରିବା ନିମନ୍ତେ ଭଲ ମଞ୍ଜି ବାଛି ବାକୁ ହେବ, ମଞ୍ଜି କୁ ପ୍ରଥମେ ପାଣିରେ ବତୁରେଇବାକୁ ହେବ | ଉପରେ ଭାସୁଥିବା ମଞ୍ଜି ଗୁଡିକ ବ୍ୟବହାର ଯୋଗ୍ୟ ନୁହେଁ, ବୁଡି ରହିଥିବା ମଞ୍ଜି ଗୁଡିକୁ ପୂର୍ବ ପ୍ରସ୍ତୁତ ପଲିଥିନ ଥଳିରେ ରୋପଣ କରିବାକୁ ହେବ | ଚାରା କୁ ୪ ମାସ ହୋଇଗଲେ ଏବଂ ଚାରା ର ମୋଟେଇ ୮-୧୦ ମିଲିମିଟର ହୋଇଥିଲେ ଏଥିରେ ବିଡ଼ିଙ୍ଗ କରାଯାଏ | କଲମୀ ସାଧାରଣତ୍ଵ ଜୁନ -ସେପ୍ଟେମ୍ବର ଓ ଫେବୃଆରୀ - ମାର୍ଚ୍ଚ ମାସରେ କରାଯାଇଥାଏ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ଅଁଳା ଏକ ବହୁ ବର୍ଷୀୟ ଫସଲ ତେଣୁ କ୍ଷେତ ପ୍ରସ୍ତୁତି ସମୟରେ ଏହାକୁ ଧ୍ୟାନରେ ରଖି କ୍ଷେତ ପ୍ରସ୍ତୁତି କରିବା ଉଚିତ | ସେଥି ନିମନ୍ତେ ଜମିକୁ ୨-୩ ଓର ହଳ କରିବା ସହିତ କ୍ଷେତରେ ୫ ମିଟର x ୫ ମିଟର ଦୂରତାରେ ଗାତ (୩ ଫୁଟ ଗଭୀର x ୩ ଫୁଟ ଲମ୍ଭ ଓ ୩ ଫୁଟ ଓସାର) ଖୋଳି ସେଥିରେ ୩୦-୪୦ କିଲୋ ଶଢ଼ାଗୋବର ଖତ, ୧ କିଲୋ ନିମ୍ବ ପିଡିଆ ଓ ୫୦୦ ଗ୍ରାମ ହାଡଗୁଣ୍ଡ ପ୍ରୟୋଗ କରିବା ଉଚିତ |

**ଚାରା ରୋପଣ:**

ସାଧାରଣତଃ ଜୁଲାଇ ଓ ଅଗଷ୍ଟ ମାସରେ ପୂର୍ବପ୍ରସ୍ତୁତ ଗର୍ତ୍ତଗୁଡିକରେ ଚାରା ରୋପଣ କରାଯାଏ | ପ୍ରତି ହେକ୍ଟର ରେ ପ୍ରାୟ ୪୦୦ -୪୫୦ ଚାରା ରୋପଣ କରାଯାଇଥାଏ |

**ଜଳସେଚନ:**

ଚାରା ରୋପଣ ପରେ ପରେ ତୁରନ୍ତ ଜଳସେଚନ କରିବା ନିତ୍ୟାନ୍ତ ଆବଶ୍ୟକ | ପରବର୍ତ୍ତୀ ସମୟରେ ମାଟିର ବଟରକୁ ଦେଖି ପ୍ରତି ୧୫-୨୦ ଦିନ ଅନ୍ତରରେ ଜଳସେଚନ ଆବଶ୍ୟକତା ପଡିଥାଏ | କିନ୍ତୁ ଫୁଲ ଓ ଫଳ ଆସିବା ସମୟରେ ୧୦-୧୫ ଦିନ ଅନ୍ତରରେ ଜଳସେଚନ ଆବଶ୍ୟକତା ପଡିଥାଏ | ଏକ ଆକଳନ ଅନୁଯାଇ ୧-୨ ବର୍ଷ ଗଛ ନିମନ୍ତେ ୧୦ ଲିଟର, ୩-୫ ବର୍ଷ ଗଛ ନିମନ୍ତେ ୧୫ ଲିଟର ଓ ୬ ବର୍ଷ ରୁ ଉର୍ଦ୍ଧ ଗଛ ନିମନ୍ତେ ୨୦-୩୦ ଲିଟର ଜଳ ଆବଶ୍ୟକତା ପଡିଥାଏ | ଜଳର ଆବଶ୍ୟକତା କୁ ଦେଖି ଯଦି ବୁନ୍ଦା ଜଳସେଚ (Drip Irrigation) ବ୍ୟବସ୍ଥା କରିଲେ ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ |

**ଖତ ଓ ସାର ପ୍ରୟୋଗ:**

କ୍ଷେତ ପ୍ରସ୍ତୁତି ସମୟରେ ପ୍ରତି ଗର୍ତ୍ତରେ ୩୦-୪୦ କିଲୋ ଶଢାଗୋବର ଖତ, ୧ କିଲୋ ନିମ୍ବ ପିଡିଆ ଓ ୫୦୦ ଗ୍ରାମ ହାଡଗୁଣ୍ଡ ପ୍ରୟୋଗ କରିବା ଦରକାର | ୧ ବରଷରୁ ୫ ବର୍ଷ ପର୍ଯନ୍ତ ଗଛ ପ୍ରତି ୧୦ କିଲୋ ଶଢାଗୋବର ଖତ, ୧୦୦ ଗ୍ରାମ ଯବକ୍ଷ୍ୟାରଯାନ, ୫୦୦ ଗ୍ରାମ ପଟାସ ପ୍ରୟୋଗ କରିବା ଉଚିତ ଯାହା ଦ୍ଵାରା ଗଛ ଗୁଡିକ ଭଲ ବଢିବା ସହିତ ଭଲ ଭଲ ଆସିଥାଏ |

**ରୋଗପୋକ ନିରାକରଣ:**

ଫସଲରେ ରୋଗପୋକ ନାସିବା ନିମନ୍ତେ ୧ ମାସ ଅନ୍ତରରେ ଟ୍ରାଇକଡ଼ରମା ୫ ଗ୍ରାମ / ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ |

**ଅମଳ:**

ଫଳ ଗୁଡିକ ପରିପକ୍ୱ ହେଲା ପରେ ଏହାର ଅମଳ କରାଯାଏ | ଏହାର ପରିପକ୍ୱତା ଅନେକ ଗୁଟିଏ କାରଣ ଉପରେ ନିର୍ଭର କରେ ଯେପରିକି ଏହାର କିସମ ଓ ଜଳବାୟୁ | ପୁଲ ଆସିବାର ୧୭ -୨୦ ସପ୍ତାହ ମଧ୍ୟରେ ଫଳ ଗୁଡିକ ପରିପକ୍ୱ ହୋଇଥାଏ | ଅଁଳା ପରିପକ୍ୱ ହୋଇଗଲେ ଏହାର ରଙ୍ଗ ର ପରିବର୍ତ୍ତନ ହୋଇ ମାଟିଆ ଓ ଇଷଦ ଲାଲ ଦେଖାଯାଏ ଓ ଏହାର ମଞ୍ଜି ର ରଙ୍ଗ ବାଦାମୀ ରଙ୍ଗ ଦେଖା ଯାଏ | କଲମୀ ଗଛ ଗୁଡିକ ୬-୭ ବର୍ଷ ମଧ୍ୟରେ ଫଳ ଆସିଥାଏ ଏବଂ ଏହା ସମ୍ପୂର୍ଣ ଫଳକ୍ଷମ ହେବାକୁ ୧୦-୧୨ ବର୍ଷ ସମୟ ଲାଗିଥାଏ | ଏକ ପୁର୍ଣ ଫଳକ୍ଷମ ଗଛରୁ ବାର୍ଷିକ ୧୦୦ -୩୦୦ କିଲୋ

ଫଳ ଅମଳ ହୋଇଥାଏ ଏବଂ ହେକ୍ଟର ପ୍ରତି ପ୍ରାୟ ୧୫ -୨୦ ଟନ ଫଳ ଅମଳ ହୋଇଥାଏ | ଗଛ ଗୁଡିକ ପ୍ରାୟ ୬୦ ରୁ ୬୫ ବର୍ଷ ପର୍ଯନ୍ତ ଫଳ ଦେଇଥାଏ |

**ଆୟ ବ୍ୟୟ ଅଟକଳ:**

(ଦୈନିକ ମଜୁରୀ ୩୧୧.୦୦ ଟଙ୍କା ହିସାବରେ)

୧. ବ୍ୟୟ

(ପ୍ରଥମ ବର୍ଷ)

| **କ୍ର. ସଂଖ୍ୟା** | **ଖର୍ଚ୍ଚ ବିଶେଷ** | **ଖର୍ଚ୍ଚ ର ପରିମାଣ (ଟଙ୍କାରେ)** |
|---|---|---|
| ୧ | ମୂଖ୍ୟ କ୍ଷେତ ପ୍ରସ୍ତୁତି | ୩,୭୩୨.୦୦ |
| ୨ | ଗର୍ତ୍ତ ଖୋଳିବା | ୬,୨୨୦.୦୦ |
| ୩ | ଚାରା କ୍ରୟ ଓ ପରିବହନ ଦେୟ | ୯,୦୦୦.୦୦ |
| ୪ | ଖତ ଓ ସାର ପ୍ରୟୋଗ | ୨୪,୦୦୦.୦୦ |
| ୫ | ଚାରା ରୋପଣ ଓ ଜଳସେଚନ | ୩,୭୩୨.୦୦ |
| ୬ | ରୋଗପୋକ ନିରାକରଣ | ୨,୭୫୦.୦୦ |
| | **ମୋଟ** | **୪୯,୪୩୪.୦୦** |

(ଦ୍ଵିତୀୟ ରୁ ଷଷ୍ଠ ବର୍ଷ ପର୍ଯନ୍ତ)

| **କ୍ର. ସଂଖ୍ୟା** | **ଖର୍ଚ୍ଚ ବିଶେଷ** | **ଖର୍ଚ୍ଚ ର ପରିମାଣ (ଟଙ୍କାରେ)** |
|---|---|---|
| ୧ | ମଜୁରୀ ବାବଦରେ ଖର୍ଚ୍ଚ | ୩୧,୦୦୦.୦୦ |
| ୨ | ଖତ ଓ ସାର ପ୍ରୟୋଗ | ୧୨,୦୦୦.୦୦ |
| ୩ | ଜଳସେଚନ | ୧୫,୦୦୦.୦୦ |
| ୪ | ରୋଗପୋକ ନିରାକରଣ | ୧୨,୦୦୦.୦୦ |
| ୫ | ଅନ୍ୟାନ ଖର୍ଚ୍ଚ | ୧୦,୦୦୦.୦୦ |
| | **ମୋଟ** | **୮୦,୦୦୦.୦୦** |

ସମୁଦାୟ ଖର୍ଚ୍ଚ - ୧,୨୯,୪୩୪.୦୦ ଟଙ୍କା

**୨. ଆୟ**

ହେକ୍ଟର ପ୍ରତି ୬-୧୨ ବର୍ଷ ରେ ସମୁଦାୟ ଆୟ ହେବ -

ହେକ୍ଟର ପ୍ରତି ଗଛ ସଂଖ୍ୟା -୪୦୦ -୪୫୦

ଗଛ ପ୍ରତି ବାର୍ଷିକ ଆନୁମାନିକ ଅମଳ -୫୦ କିଲୋଗ୍ରାମ

୪୫୦ ଗଛର ଆନୁମାନିକ ଅମଳ - ୨୨୫୦୦ କିଲୋଗ୍ରାମ

୬ ବର୍ଷରେ ଆନୁମାନିକ ଅମଳ - ୧୩୫୦୦୦ କିଲୋଗ୍ରାମ

ଅଁଳା କିଲୋଗ୍ରାମ ପ୍ରତି ବଜାର ଦାମ - ୨୫.୦୦ ଟଙ୍କା

୧୩୫୦୦୦ କିଲୋଗ୍ରାମ ଅଁଳା ର ବଜାର ଦାମ - ୩୩,୭୫,୦୦୦.୦୦ ଟଙ୍କା